ପାଠ-୨

# ଟୁନା ଟୁନି

## STUDY NOTES

ଚାଲ ପିଲାମାନେ ଆଜି ଗୋଟେ ମଜାଳିଆ ଗୀତଟିଏ ଶୁଣିବା, ଗାଇବା ଏବଂ ଅଭିନୟ କରି ନାଚିବା।

ତୁମେ ମାନେ ଯେମିତି ଭାଇ-ଭଉଣୀ ହୋଇ ଘରେ ଏକାଠି ପଢ଼, ଖେଳ, ଖାଅ ଏବଂ ମଜା କର ଠିକ୍ ସେମିତି ଟୁନା ଓ ଟୁନି ଦୁଇଜଣ ଭାଇ ଓ ଭଉଣୀ। ସେମାନେ ଥରେ ବାଘ ମାମୁଙ୍କୁ ମଜା ଚଖେଇବା ପାଇଁ କ'ଣ ସବୁ କଲେ ଚାଲ ଜାଣିବା।




ଉପରେ ଛବିରେ ଦେଖୁଛ ପିଲାମାନେ ଟୁନା ଏବଂ ଟୁନିଙ୍କୁ; ଏମାନେ ପିଠା କରିବା ପାଇଁ ବଜାରରୁ ଚାଉଳ ଚୂନା ଓ ବିରି ଆଣି ବାଟିକରି ପିଠା କରିଲେ। ପିଠାକୁ ଚଟିଆ ବୋଲି ଗୋଟିଏ ଚଢ଼େଇକୁ ଜଗାଇଲେ।

୧. କ) ଦୁଇ ଭାଇଭଉଣୀଙ୍କର ନାମ କ'ଣ ?

ଉ: ଦୁଇ ଭାଇଭଉଣୀଙ୍କର ନାମ ଟୁନା ଓ ଟୁନି।

ଖ) ବିରି ଓ ଚାଉଳ ଚୂନା ବାଟି କ'ଣ କଲେ ?

ଉ: ବିରି ଓ ଚାଉଳ ଚୂନା ବାଟି ପିଠା କଲେ।

ପିଲାମାନେ ଏଠି ଦେଖ, ଟୁନା ଟୁନି ପିଠା କରି ଚଟିଆକୁ ଜଗାଇଛନ୍ତି।





୨.   ଠିକ୍ ଉତ୍ତର ତଳେ ଗାର ଟାଣ।

କ)   ପିଠାକୁ ଟୁନି / **ଚଟିଆ** ଜଗିଥିଲା।

ଖ)   ପିଠାକୁ ଚଟିଆ / **ଟୁନାଟୁନି** ତିଆରି କରିଥିଲେ।

ଟୁନାଟୁନି ପିଠା କରିବା ପରେ ବାଘମାମୁକୁ ଚକୁଳି, ଚିନି ଓ ଚଟଣି ଖାଇବା ପାଇଁ ଡାକିଲେ। ବାଘମାମୁ ମଧ ପିଠା ଖାଇବା ପାଇଁ ଆସିଲା।



**୩.   ଖାଲି ଘର ପୂରଣ କର।**

କ)   **ବାଘମାମୁ** ପିଠା ଖାଇବା ପାଇଁ ଆସିଲା।

ଖ)   ବାଘମାମୁ ଚକୁଳୁ, **ଚିନି** ଓ ଚଟଣି ଖାଇଲା।

ପିଠା ଖାଇବା ପରେ ଟୁନା ଟୁନି ଗୋଟିଏ ଚଉକି ଉପରେ ବାଘମାମୁଙ୍କୁ ବସାଇଲେ। ଯେମିତି ବାଘମାମୁ ଚଉକି ଉପରେ ବସିଛି ଚଉକିଟି କଟମଟ କରି ପଡ଼ିଗଲା ଓ ବାଘମାମୁ ଛଟପଟ ହୋଇ ପଳାଇଲା।



୪. **ସଜାଡ଼ି ଲେଖ।**

କ) ଉଚକି - <u>ଚଉକି</u>

ଖ) ଟଛଟପ - <u>ଛଟପଟ</u>

ଦେଖିଲ ତ ପିଲାମାନେ ଟୁନାଟୁନି କେମିତି ମଜା ଶିଖାଇଲେ।

♦♦♦

ODM EDUCATIONAL GROUP Changing your Tomorrow